# ପ୍ରକଳ୍ପର ପ୍ରତ୍ୟାଶିତ ଫଳାଫଳ

ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, କିଶୋର /କିଶୋରୀ, ଗୋଷ୍ଠୀ ମୁଖ୍ୟ, ଗୋଷ୍ଠୀ ସ୍ତରୀୟ ସଂଗଠନ ଓ ପଞ୍ଚାୟତ ପ୍ରତିନିଧିମାନେ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର ବିଷୟରେ ତାଲିମ ପ୍ରାପ୍ତ ହେବେ ।

ଗ୍ରାମ ଏବଂ ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା ସମିତି ବାଲ୍ୟ ବିବାହକୁ ବନ୍ଦ କରିବାକୁ ସକ୍ଷମ ହେବେ ।

## ବିପଦସଙ୍କୁଳ ଅବସ୍ଥାରେ ଥିବା ଝିଅମାନଙ୍କ ନିମନ୍ତେ ରୋଜଗାରର ସୁଯୋଗ ସୃଷ୍ଟି

## ଗୋଷ୍ଠୀସ୍ତରରେ ସ୍ୱାସ୍ଥ୍ୟ ସୂଚନା କେନ୍ଦ୍ରର ଗଠନ

ଯୁବଗୋଷ୍ଠୀ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ତଥା ବାଲ୍ୟ ବିବାହର କୁପ୍ରଭାବ ବିଷୟରେ ଅବଗତ ହେବେ ତଥା ତାଙ୍କ ଆବଶ୍ୟକତା ଓ ଅଧିକାରୀକୁ ସାବ୍ୟସ୍ତ କରିବାରେ ସକ୍ଷମ ହେବେ ।

ପୁରୁଷ, ଯୁବ ସଂଗଠନର ସଦସ୍ୟ ଓ ପିତା/ମାତାମାନେ ଗୋଷ୍ଠୀ ସ୍ତରରେ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ର ଉନ୍ନତି, ଝିଅମାନଙ୍କ ନିମନ୍ତେ ଉଚ୍ଚଶିକ୍ଷା ଓ ଉପଯୁକ୍ତ ବୟସରେ ବିବାହ ନିମନ୍ତେ ଗୋଷ୍ଠୀ ସ୍ତରରେ ବିଭିନ୍ନ କାର୍ଯ୍ରକ୍ରମକୁ ପ୍ରୋତ୍ସାହିତ କରିବେ ।

## ରାଜ୍ୟ ସ୍ତରରେ ବାଲ୍ୟ ବିବାହ ରୋକିବା ନିମନ୍ତେ ସଂଗଠନର ଗଠନ

ବାଲ୍ୟ ବିବାହ ବିରୋଧରେ ରାଜ୍ୟ ସ୍ତରରେ ସମଭାବପନ୍ନ ଅନୁଷ୍ଠାନମାନଙ୍କୁ ନେଇ ସଂଗଠନ ଗଠନ ।

ତାଲିମ୍ ପ୍ରାପ୍ତ ଗୋଷ୍ଠୀ ମୁଖ୍ୟ ଓ ସାଥି ଶିକ୍ଷକମାନେ ପରିବର୍ତ୍ତନର ବାହକ ଭାବେ ଗୋଷ୍ଠୀ ସ୍ତରରେ ସକ୍ରିୟ ରହିବେ ।

ବିଦ୍ୟାଳୟରେ ଝିଅମାନଙ୍କ ନିମନ୍ତେ ନିରାପଦ ପରିବେଶ ।

ଶିଶୁର ଅଧିକାରକୁ ନିଶ୍ଚିତ କରିବା ନିମନ୍ତେ, ପୋଲିସ ପ୍ରଶାସନ, ନ୍ୟାୟଜିବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ସକ୍ରିୟ ଭୂମିକା ଗ୍ରହଣ କରିବେ ।
ଅନୁକୂଳ ପରିବେଶ ନିମନ୍ତେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବେ ।


**Voluntary Health Association of India**
B 40, Qutab Instiituional Area, New Delhi- 110016
Contact No: 011-47004300
Contact Email: aditiтewari@vhai.org, seemagupta@vhai.org
Website: www.vhai.org

**Aparajita- Odisha**
A-52/1, Palaashpalli, Bhubaneshwar - 751020, Odisha
Contact No: 0674-2590633
Contact Email: aparajitaodisha@vhai.org,
debanandajsp@gmail.com



MORE THAN BRIDES ALLIANCE
Save the Children OXFAM POPULATION COUNCIL Simavi
ଭଲ୍ୟୁଣ୍ଟାରୀ ହେଲଥ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ


# ବିବାହ: ପିଲା ଖେଳ ନୁହେଁ

(ବାଲ୍ୟ ବିବାହ କମ୍ କରିବା ନିମନ୍ତେ ଏକ ସୁଦୂର ପ୍ରସାରୀ ପଦକ୍ଷେପ)



## କ'ଣ :

ବିବାହ ପିଲା ଖେଳ ନୁହେଁ: ପାଞ୍ଚ ବର୍ଷ ଅବଧିର ଏକ ପ୍ରକଳ୍ପ (୨୦୧୬-୨୦୨୦) ଯାହାର ଲକ୍ଷ୍ୟ ହେଲା କମ୍ ବୟସରେ ବିବାହ ତଥା ଏହା ଯୋଗୁଁ ଯୁବାବସ୍ଥାର ମହିଳା ଓ ଝିଅମାନଙ୍କ ଉପରେ ପଡୁଥିବା ପ୍ରତିକୂଳ ପ୍ରଭାବକୁ କମ୍ କରିବା

## କେଉଁଠି :

ଭାରତ ବର୍ଷରେ ଏହି କାର୍ଯ୍ୟକ୍ରମକୁ ବିହାର, ଓଡିଶା, ଝାଡଖଣ୍ଡ ଓ ରାଜସ୍ଥାନରେକାର୍ଯ୍ୟକାରୀ କରାଯାଉଛି ।




ଓଡିଶାରେ ଏହି କାର୍ଯ୍ୟକ୍ରମକୁ ନିମ୍ନବର୍ଣ୍ଣିତ ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ କରାଯାଉଛି ।

୧) ଗଞ୍ଜାମ ଜିଲ୍ଲା - ଖଲ୍ଲିକୋଟ୍ ବ୍ଲକ
୨) କନ୍ଧମାଳ ଜିଲ୍ଲା - କେ.ନୁଆଗାଁ ବ୍ଲକ୍
୩) ନୂଆପଡା ଜିଲ୍ଲା- ନୂଆପଡା ବ୍ଲକ୍

ଭଲ୍ୟୁଣ୍ଟାରୀ ହେଲଥ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଭି.ଏଚ୍.ଏ. ଆଇ.) ଏହି ପ୍ରକଳ୍ପକୁ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ୍ ବ୍ଲକ୍‌ର ସମସ୍ତ ଗ୍ରାମରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରୁଅଛି ।

## କାହାପାଇଁ:

ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ସେହି ଅଞ୍ଚଳଗୁଡିକୁ ସାମିଲ କରାଯାଇଛି ଯେଉଁଠାରେ ବାଲ୍ୟ ବିବାହର ସଂଖ୍ୟା ଅଧିକ ତଥା ବାଲ୍ୟ ବିବାହର କୁପ୍ରଭାବର ସମ୍ଭାବନା ଝିଅମାନଙ୍କ କ୍ଷେତ୍ରରେ ଅଧିକ ।



## କିପରି:

ମୋର ଦ୍ୟାନ୍ ବ୍ରାଇଡସ୍ ଆଲିଆନସ୍ "More than Brides Alliance" କାର୍ଯ୍ୟକ୍ରମର ମୂଖ୍ୟ ଲକ୍ଷ୍ୟ ହେଲା ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରୁଥିବା ମୂଳ କାରଣକୁ ଚିହ୍ନଟ କରଣ ପୂର୍ବକ ସମସ୍ୟାର ନିରାକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ଯାହା ଦ୍ୱାରା ଝିଅମାନଙ୍କ ନିମନ୍ତେ ସୁଯୋଗ ସୃଷ୍ଟି କରିବ ଏବଂ ଦୀର୍ଘମିଆଦୀ ସଶକ୍ତିକରଣକୁ ନିଶ୍ଚିତ କରାଇବା ।

# ପ୍ରକଳ୍ପର ରୂପାୟନ ଧାରା

## ପ୍ରଭାବ

ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାରର ସଂପ୍ରସାରଣ ପୂର୍ବକ ଯୁବଗୋଷ୍ଠୀଙ୍କ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ଓ ସଶକ୍ତିକରଣ

## ଦୀର୍ଘ ମିଆଦୀ ଉଦ୍ଦେଶ୍ୟ

ଯୁବଗୋଷ୍ଠୀଙ୍କ ନିମନ୍ତେ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିବା ଯଦ୍ୱାରା ସେମାନେ କୋଉ ବୟସରେ ଓ କାହାକୁ ବିବାହ କରିବେ ଏ ବିଷୟରେ ସଠିକ୍ ନିଷ୍ପତ୍ତି ନେବାକୁ ସକ୍ଷମ ହେବେ ।



### ଆଶା କରାଯାଉଥିବା ଫଳାଫଳ

ଆଶା କରାଯାଉଥିବା ଫଳାଫଳ

ଯୁବଗୋଷ୍ଠୀ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ତଥା ବାଲ୍ୟ ବିବାହର କୁପ୍ରଭାବ ବିଷୟରେ ଅବଗତ ହେବେ ତଥା ତାଙ୍କ ଆବଶ୍ୟକତା ଓ ଅଧିକାରକୁ ସାବ୍ୟସ୍ତ କରିବାରେ ସକ୍ଷମ ହେବେ ।

- ଯୌନ ପ୍ରଜନନ ସ୍ୱାସ୍ଥ୍ୟ ତାଲିମ୍
- ଜୀବନ କୌଶଳ ତାଲିମ୍
- ସହଯୋଗୀ ସଂଗଠନ
- ଯୌନ ପ୍ରଜନନ ସ୍ୱାସ୍ଥ୍ୟ ସୂଚନା

### ଆଶା କରାଯାଉଥିବା ଫଳାଫଳ

କୈଶୋର ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟର ଉନ୍ନତି ତଥା ବାଲ୍ୟବିବାହ ବିରୋଧରେ ସଂଘବଦ୍ଧ ସାମାଜିକ ପଦକ୍ଷେପକୁ ତ୍ୱରାନ୍ୱିତ କରିବା

- ପୁରୁଷ, ବାଳକ ଓ ଗୋଷ୍ଠୀର ମୁଖ୍ୟ ଲୋକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା
- ଗୋଷ୍ଠୀକୁ ସଂଗଠିତ କରିବା
- ପ୍ରଭାବଶାଳୀ ଲୋକଙ୍କୁ ବାଲ୍ୟବିବାହ ବିରୋଧରେ ପଦକ୍ଷେପ ନେବା ପାଇଁ ପ୍ରବର୍ତ୍ତାଇବା
- ଗଣମାଧ୍ୟମ ପ୍ରତିନିଧିଙ୍କୁ ବାଲ୍ୟବିବାହ ବିରୋଧର ପଦକ୍ଷେପ ନେବା ନିମନ୍ତେ ପ୍ରବର୍ତ୍ତାଇବା
- ଗୋଷ୍ଠୀ ସ୍ତରରେ ସଚେତନତା ସୃଷ୍ଟି କରିବା
- କିଶୋର / କିଶୋରୀମାନଙ୍କ ଦକ୍ଷତା ବୃଦ୍ଧି ପୂର୍ବକ ପରିବର୍ତ୍ତନର ନେତୃତ୍ୱ ନିମନ୍ତେ ସକ୍ଷମ କରିବା

### ଆଶା କରାଯାଉଥିବା ଫଳାଫଳ

ବାଲ୍ୟ ବିବାହର ସମ୍ଭାବନା ଥିବା ଝିଅ ତଥା ବାଲ୍ୟ ବିବାହ କରିଥିବା ଝିଅ ଏବଂ ପରିବାର ବର୍ଗଙ୍କ ନିମନ୍ତେ ଶିକ୍ଷା, ରୋଜଗାର ଓ ସୁରକ୍ଷାର ସୁଯୋଗ ସୃଷ୍ଟି କରିବା ।

- ଝିଅମାନଙ୍କ ନିମନ୍ତେ ନିରାପଦ ପରିବେଶ ସୃଷ୍ଟି
- ଅଧାରୁ ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ସଂଖ୍ୟା କମାଇବା
- ରୋଜଗାର ସୁଯୋଗ ସୃଷ୍ଟି ତଥା ଶିଶୁ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ିକରଣ
- ବିପଦସଙ୍କୁଳ ଅବସ୍ଥାର ଝିଅ ତଥା ପରିବାର ବର୍ଗଙ୍କୁ ସାମଜିକ ସୁରକ୍ଷା ଯୋଜନାରେ ସାମିଲ କରିବା ।

### ଆଶା କରାଯାଉଥିବା ଫଳାଫଳ

ଯୁବଗୋଷ୍ଠୀ ବିଶେଷ କରି ବିପଦସଙ୍କୁଳ ଅବସ୍ଥାରେ ଥିବା ଝିଅ ତଥା ବାଲ୍ୟ ବିବାହ କରିଥିବା ଝିଅମାନଙ୍କୁ ଆବଶ୍ୟକତା ଅନୁଯାୟୀ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ।

- ସାମାଜିକ ଉତ୍ତର ଦାୟିତ୍ୱକୁ ବଢ଼ାଇବା
- ଗୁଣାତ୍ମକ ଯୌନ ପ୍ରଜନନ ସ୍ୱାସ୍ଥ୍ୟସେବାପ୍ରଦାନ ନିମନ୍ତେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ୍ ପ୍ରଦାନ
- ସ୍ୱାସ୍ଥ୍ୟସେବା ଓ ଯୁବଗୋଷ୍ଠୀ ମଧ୍ୟରେ ଯୋଗାଯୋଗ ଓ ସମନ୍ୱୟକୁ ସୁଦୃଢ଼ କରିବା ।

### ଆଶା କରାଯାଉଥିବା ଫଳାଫଳ

ବାଲ୍ୟ ବିବାହ ବିରୋଧରେ ନିତୀ ନିର୍ଦ୍ଧାରଣ ବ୍ୟବସ୍ଥା ଓ ପ୍ରଚଳିତ ଆଇନଗତ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା

- ବାଲ୍ୟ ବିବାହ ନିରୋଧ ଆଇନ୍‌କୁ କଡାକଡି ଭାବେ ଲାଗୁ କରାଇବା ନିମନ୍ତେ ସଂପୃକ୍ତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ
- ନିତୀ ନିର୍ଦ୍ଧାରଣକାରୀ ଅନୁଷ୍ଠାନ ଓ ଅଧିକାରୀଙ୍କୁ ଉପଯୁକ୍ତ ପଦକ୍ଷେପ ନେବା ନିମନ୍ତେ ପ୍ରବର୍ତ୍ତାଇବା ।
- ବାଲ୍ୟ ବିବାହ ନିରୋଧ ନିମନ୍ତେ ବିଭିନ୍ନ ସ୍ତରରେ ଉଦ୍ୟମକୁ ପ୍ରସ୍ତାହିତ କରିବା ।
- ବାଲ୍ୟବିବାହ ଘଟଣାର ବିବରଣୀ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ।